# 'ଆଇସିଏଆଇ'ର ନୂତନ ସଭାପତି

ଭୁବନେଶ୍ୱର: ଇନ୍‌ଷ୍ଟିଚ୍ୟୁଟ୍ ଅଫ କଷ୍ଟ ଆକାଉଣ୍ଟାନ୍ସ (ଆଇସିଏଆଇ)ର ନୂତନ ସଭାପତି ରୂପେ ସୁରେଶ ଚନ୍ଦ୍ର ମହାନ୍ତି ନିର୍ବାଚିତ ହୋଇଛନ୍ତି। ସେ ଭୁବନେଶ୍ୱର ଚାପ୍ଟର ସହିତ ୧୯୯୩ରୁ ୧୯୯୫ଓ ୨୦୦୧ରୁ ୨୦୦୪ ପର୍ଯ୍ୟନ୍ତ ଜଡ଼ିତ ଥିଲେ। ଏଥିପୂର୍ବରୁ ସେ ଆଇସିଡବ୍ଲ୍ୟୁଏଆଇର ପୂର୍ବାଞ୍ଚଳ ପରିଷଦରୁ ନିର୍ବାଚିତ ହୋଇ ସମ୍ପାଦକ, ଉପାଧ୍ୟକ୍ଷ ଓ ଅଧ୍ୟକ୍ଷ ଭାବରେ କାର୍ଯ୍ୟ ତୁଲାଇଛନ୍ତି। ଓଟିଏମ୍‌ର ବିଭିନ୍ନ ପଦରେ ଦୀର୍ଘ ୨୩ ବର୍ଷ ଧରି କାର୍ଯ୍ୟ କରିଥିବା ଶ୍ରୀ ମହାନ୍ତି ଓଡ଼ିଶା ଷ୍ଟେଟ ପ୍ରଡକ୍ଟିଭିଟି କାଉନସିଲ, ଷ୍ଟେଟ ଭିଜିଲାନ୍ସ କାଉନସିଲରେ ମଧ୍ୟ ସଦସ୍ୟ ଅଛନ୍ତି। ନୂତନ ସଭାପତି ହିସାବରେ ସେ କଷ୍ଟ ଓ ମ୍ୟାନେଜମେଣ୍ଟ ଆକାଉଣ୍ଟାନ୍ସି ଶିକ୍ଷାକୁ ଅଧିକ ପ୍ରସାର କରିବା ଦିଗରେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

